# Akashvani, Sambalpur

## SAMBALPURI NEWS BULLETIN

### 14 December 2025 – 6.47- 6.52 am.

**********************************************

ଆଲୋଚନାଚକ୍ର          ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁପ୍ରିମ୍‌କୋର୍ଟର ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓଡ଼ିଶା ବାର୍ ଆସୋସିଏସନ୍ ତର୍‌ଫୁ ଆଏଜ୍ କଟକ୍ ଶହୀଦ୍ ଭବନ୍ ଠାନେ ହେବାର୍‌କେ ଥିବା ଆଲୋଚନାଚକ୍ରଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇଥିର୍‌ଲାଗି ସେ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ପୁହୁଁଚିଛନ୍ । କାର୍ଯ୍ୟକ୍ରମ୍‌ଥି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ହରିଶ ଟଣ୍ଡନ୍ ଭିଲ୍ ସାମିଲ୍ ହେବେ । ସାଧାରଣ୍ ଲୋକ୍‌ମାନ୍‌କର୍ ଲାଗି ନ୍ୟାୟକେ ସୁନିଶ୍ଚିତ୍ କର୍‌ବାର୍ ମାମ୍‌ଲା ମାନ୍‌କର୍ ଖର୍ଚ୍ଚା ଆଉ ଡେରି ହେଉଥିବା ସମିଆକେ କମ୍ କର୍‌ବାର୍ ଲାଗି ରଣନୀତି ତିଆର୍ ଉପ୍‌ରେ ଆଲୋଚନାଚକ୍ର ହେବା । ଇ ଅବ୍‌ସରେ ବରିଷ୍ଠ ଆଇନ୍‌ଜୀବୀମାନ୍‌କୁ ସମ୍ବର୍ଦ୍ଧିତ୍ କରାଯିବା ।

ବନ୍ଦେ ଭାରତ୍ ଟ୍ରେନ- ସ୍ଥାନୀୟ ଖାଦ୍ୟ     ପିଆଇବି

ବନ୍ଦେ ଭାରତ୍ ଟ୍ରେନ୍‌ଥି ସ୍ଥାନୀୟ ଖାଏବାର୍ ଦରବ୍ ଦେବାର୍ ଲାଗି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଗଲାକାଏଲ୍ ରେଲ୍‌ଭବନ୍ ନ ଅଧିକାରୀମାନ୍‌କର୍ ସାଙ୍ଗେ ହେଇଥିବା ସମୀକ୍ଷା ବୈଠକ୍‌ଥି ଇ ବାବ୍‌ଦେ ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ଆଲୋଚନା କରିଥିଲେ । ସ୍ଥାନୀୟ ଖାଦ୍ୟ ଦିଆଗଲେ ଯାତ୍ରୀମାନ୍‌କୁ ଭଲ୍ ଅନୁଭୂତି ହେବା ଆଉ ଇଟା ସ୍ଥାନୀୟ ଇଲାକାର୍ ସଂସ୍କୃତି ଆଉ ସ୍ୱାଦକେ ଦର୍ଶାବା । ଆଏବା ଦିନେ ଧିରେ ଧିରେ ସବୁ ଟ୍ରେନ୍‌ଥି ଇ ସୁବିଧା କାର୍ଯ୍ୟକାରୀ କରାଯିବା ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ । ଆଲୋଚନା ସମିଆଥି ରେଲ୍ ଆଉ ଖାଦ୍ୟ ପ୍ରକ୍ରିୟାକରଣ୍ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ରବ୍‌ନୀତି ସିଂ ବିଟ୍ଟୁ ଆଉ ରେଲ୍‌ବିଭାଗ୍‌ର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ରାଷ୍ଟ୍ରୀୟ ଲୋକ୍ ଅଦାଲତ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ କୋର୍ଟ ନ ଗଲାକାଏଲ୍ ହେଇଥିବା ୪ ନମ୍ବର୍ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍‌ଥି ୩ ଲାଖ୍ ୨୯ ହଜାର୍ ଶହେ ୯୫ ଟା ମାମ୍‌ଲାର୍ ଫଇସଲା ହେଇଛେ । ଇ ବାବ୍‌ଦେ ଭିନ୍ ଭିନ୍ ପକ୍ଷକେ ଶହେ ୭୪ କୋଟି ୭୩ ଲାଖ୍ ୭୫ ହଜାର୍ ୮ ଶହ ୮୩ ଟଙ୍କା ଆଦାୟ ଲାଗି

ନିର୍ଦ୍ଦେଶ୍ ଦିଆଯାଇଛେ । ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଆଉ ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ୍ ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ୍ ହରିଶ୍ ଟଣ୍ଡନ୍ ଆଉ ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ୍ କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ମାନସ୍ ରଞ୍ଜନ୍ ପାଠକଙ୍କର୍ ପ୍ରତ୍ୟକ୍ଷ ଦେଖ୍‌ରେଖ୍‌ଥି ଇ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ହେଇଥିଲା ।

ସମନ୍ୱିତ୍ ସଡ଼କ୍ ସୁରକ୍ଷା ଡେସ୍‌ବୋର୍ଡ୍ I&PR

ରାଜ୍ୟ ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ରାଏଜେ ସମନ୍ୱିତ୍ ଆଉ ତଥ୍ୟ ଚାଲିତ୍ ସଡ଼କ୍ ସୁରକ୍ଷା ପ୍ରଶାସନ୍‌କେ ବର୍‌କସ୍ କର୍‌ବାର୍ ଲାଗି ସମନ୍ୱିତ୍ ସଡ଼କ୍ ସୁରକ୍ଷା ଡେସ୍‌ବୋର୍ଡ୍‌ର ସମୀକ୍ଷା କରିଛନ୍ । ସମୀକ୍ଷାଥି ଡେସ୍‌ବୋର୍ଡ୍‌ର ଗଠନ୍ ତଥ୍ୟ ସମନ୍ୱୟ ଆଉ ସୂଚନା ଭିତିକ ନିଷ୍ପତି ଗ୍ରହଣ୍ ସଡ଼କ୍ ସୁରକ୍ଷା ପଦକ୍ଷେପ୍‌ର ଦେଖ୍‌ରେଖ୍‌କେ ପ୍ରଭାବ୍‌ଶାଳୀ କର୍‌ବାର୍ ଲାଗି ଭିନ୍ ଭିନ୍ ବିଭାଗ୍‌ର କାମ୍‌କାଜ୍ ଉପ୍‌ରେ ଧ୍ୟାନ୍ ଦିଆଯାଇଥିଲା । ବାଣିଜ୍ୟ ଆଉ ପରିବହନ୍ ବିଭାଗ୍‌ର ପ୍ରମୁଖ ସଚିବ ଉଷା ପାଢ଼ୀ ଇ ଅବ୍‌ସରେ କହିଛନ୍, ଡିଜିଟାଲ୍ ପ୍ଲାଟ୍‌ଫର୍ମର ପ୍ରଭାବ୍ ସେମାନ୍‌କର୍ ଗ୍ରହଣ୍ ଆଉ ନିୟମିତ୍ ବେଭାର୍ ଉପ୍‌ରେ ନିର୍ଭର୍ କର୍‌ସି ।

ଉଚ୍ଚଶିକ୍ଷାନୁଷ୍ଠାନ୍- ଭାଷା କ୍ଲବ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ସବୁ ବିଶ୍ୱବିଦ୍ୟାଳୟ ଆଉ ମହାବିଦ୍ୟାଳୟମାନ୍‌କେ କେମ୍ପସ୍ ଭାଷା କ୍ଲବ୍ ଖୁଲାଯିବାର୍ ଲାଗି ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ - ୟୁଜିସି ତର୍‌ଫୁ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କୁ ଚିଠି କରାଯାଇଛେ । ଇଥି ଛାତ୍ରଛାତ୍ରୀ ଆଉ ଅଧ୍ୟାପକ୍‌ମାନେ ଭିନ୍ ଭିନ୍ ରାଜ୍ୟର୍ ଭାଷା ଶିଖିବେ । ଇଥିର୍‌ଲାଗି ପାଠ୍ୟକ୍ରମ୍, ମାନବ ସମ୍ବଳ ସହେତେ ଭାଷା ପ୍ରଶିକ୍ଷକ୍ ରହେବେ । ଜାତୀୟ ଶିକ୍ଷାନୀତି -୨୦୨୦ ଅନ୍‌ସାରେ ଭିନ୍ ଭିନ୍ ଭାଷାକେ ଶିକ୍ଷାଥି ଜୋର୍ ଦିଆଯାଇକରି ୟୁଜିସି ତର୍‌ଫୁ ଇ ପଦକ୍ଷେପ୍ ନିଆଯାଇଛେ । ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟମାନ୍‌କେ ଭାଷା କ୍ଲବ୍ ଥିଲେ ସେମାନ୍‌କୁ ଏନ୍.ଆଇ.ଆର୍.ଏଫ୍. ଆର୍ ନାକ୍ ମାନ୍ୟତା ଦେଲ୍‌କେ ଅଏତ୍‌କା ଗ୍ରେଡ୍ ଦିଆଯିବା ବଲି ୟୁଜିସି ତର୍‌ଫୁ କୁହାଯାଇଛେ ।

ୟୁବ ଜ୍ୟୋର୍ତିବିଜ୍ଞାନୀ ପ୍ରତିଭା ଅନ୍ୱେଷଣ I&PR

ଭୁବନେଶ୍ୱର୍ ପଠାଣି ସାମନ୍ତ ପ୍ଲାନେଟୋରିମ୍ ଠାନେ ୟୁବ ଜ୍ୟୋର୍ତିବିଜ୍ଞାନୀ ପ୍ରତିଭା ଅନ୍ୱେଷଣ୍‌ର ଗ୍ରାଣ୍ଡ୍ ଫିନାଲେ-୨୦୨୫ କାର୍ଯ୍ୟକ୍ରମ୍ ଆୟୋଜିତ୍ ହେଇଯାଇଛେ । ଇଥି ସାରା ରାଜ୍ୟର୍ ୩୦ ଝନ୍ ୟୁବ ଜ୍ୟୋତିର୍ବିଜ୍ଞାନୀଙ୍କୁ ରାଜ୍ୟ ବିଜ୍ଞାନ୍ ଆଉ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

କୃଷ୍ଣଚନ୍ଦ୍ର ପାତ୍ର ସମ୍ବର୍ଦ୍ଧିତ୍ କରିଛନ୍ । ଇ ବଛର୍ କାର୍ଯ୍ୟକ୍ରମ୍‌ଥି ରାଜ୍ୟର୍ ସବୁ ଜିଲ୍ଲା ନ ୭୬ ହଜାର୍ ୭ ଶହ ନୁ ଅଏତ୍‌କା ଛାତ୍ରଛାତ୍ରୀ ଭାଗ୍ ନେଇଥିଲେ ।

ଓୟୁଏସ୍‌ୟୁ- ଜାତୀୟ କର୍ମଶାଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ନ ଜାତୀୟ ଶିକ୍ଷାନୀତି -୨୦୨୦ ଆଧାରିତ୍ ୨ ଦିନିଆ ଜାତୀୟ କର୍ମଶାଳା ଆଏଜ୍‌ଠାନୁ ମୁଲ୍ ହେଉଛେ । କର୍ମଶାଳାଥି ସାରା ଦେଶର୍ ଭିନ୍ ଭିନ୍ ଜାଗାନୁ ଶିକ୍ଷାବିତ୍‌ମାନେ ଭାଗ୍ ନେଇକରି ଜାତୀୟ ଶିକ୍ଷାନୀତି ବାବ୍‌ଦେ ଆଲୋଚନା କର୍‌ବେ । 'ପ୍ରୟାସ୍' ଶୀର୍ଷକ୍ କର୍ମଶାଳାଥି ୬ ଟା ବିଷୟବସ୍ତୁ ଆଧାରିତ୍ ୭ ଟା ବିନ୍ଦୁଥି ଉପସ୍ଥାପନ୍ କରାଯିବା ।

ପଠାଣି ସାମନ୍ତ ଗଣିତ ମେଧାବୃତି ଆର୍‌ଏନ୍‌ୟୁ/ ସମ୍ବଲପୁର

ପଠାଣି ସାମନ୍ତ ଗଣିତ ମେଧାବୃତି ପରୀକ୍ଷା ଲାଗି ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ୬ ଆଉ ୯ ଶ୍ରେଣୀର୍ ଛାତ୍ରଛାତ୍ରୀମାନ୍‌କର୍ ସ୍ତର୍‌ଥି ହେଉଥିବା ଇ ଗଣିତ ମେଧାବୃତି ପରୀକ୍ଷା

ଲାଗି ଗଲାକାଏଲ୍‌ନୁ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେଇଛେ । ଫର୍ମ ଭର୍‌ବାର୍ ଶେଷ୍ ତାରିଖ୍ ଡିସେମ୍ବର୍ ୨୫ ତାରିଖ୍‌କେ ରଖାଯାଇଛେ ।

ଶକ୍ତି ସଂରକ୍ଷଣ୍ ଦିବସ      ଆର୍‌ଏନ୍‌ୟୁ ସମ୍ବଲପୁର୍

ଶକ୍ତି ସଂରକ୍ଷଣ୍ ଥି ସହଯୋଗ୍ କରୁନ୍, ଶାଗୁଆ ଆଉ ସୁନ୍ଦର୍ ଭବିଷ୍ୟତ୍ ଗଠନ୍‌ଥି ଭାଗିଦାର୍ ହଉନ୍ ବାର୍ତା ନେଇକରି ଆଏଜ୍ ଶକ୍ତି ସଂରକ୍ଷଣ୍ ଦିବସ୍ ପାଲନ୍ କରାଯାଉଛେ । ବିଜ୍‌ଲିର୍ ଠିକ୍ ବେଭାର୍ ଆର୍ ପରିଚାଲନା- ଶକ୍ତି ସଂରକ୍ଷଣ୍ ସହେତେ ପରିବେଶ୍‌କେ ସୁରକ୍ଷିତ୍ କର୍‌ସି । ଶକ୍ତିକେ ବଁଚାବାର୍ ଲାଗି ସର୍‌କାରୀ ଆର୍ ବେସର୍‌କାରୀ ସ୍ତର୍‌ଥି ବହୁତ୍ ଚେରେଷ୍ଟା ଚାଲିଛେ ଆର୍ ସୌରଶକ୍ତିକେ ଗୁରୁତ୍ୱ ଦିଆଯାଉଛେ । ଲୋକ୍‌ମାନ୍‌କର୍ ଭିତ୍‌ରେ ବିଜ୍‌ଲି ବଁଚାବାର୍ ଲାଗି ସଚେତନ୍ ସୃଷ୍ଟି କରାଯାଉଛେ ।

ଇ ଅବ୍‌ସରେ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ କନ୍‌ଭେନସନ୍ ହଲ୍ ଠାନେ ଗୁଟେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ । ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଶକ୍ତି ସଂରକ୍ଷଣ୍ ଲାଗି ଆୟୋଜିତ୍ ଗୁଟେ ରେଲିକେ  ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଇ ରେଲି ସଖାଲର୍ ସଖାଲର୍ ସାଢ଼େ ୮ ବଜେ କଳିଙ୍ଗ ଷ୍ଟାଡ଼ିୟମ୍ ନୁ ମୁଲ୍ ହେଇକରି ଲୋକ୍‌ସେବା ଭବନ୍‌ତକ୍ ଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜାରି ରହିଛେ ଜବର୍ ଶୀତ୍ ଲହରୀ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୬ /୭ ଦିନ୍‌ତକ୍ ପାଗ୍‌ଥି ବିଶେଷ୍ ପରିବର୍ତ୍ତନ୍ ନାଇଁ ହୁଏ । ଓଡ଼ିଶାର୍ ୧୨ ଟା ସହରର୍ ରାତିର୍ ତାପମାତ୍ରା ୮ ଡିଗ୍ରୀ ତଲେ ରେକର୍ଡ଼୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଝାର୍‌ସୁଗୁଡ଼ା ଆଉ ଅନୁଗୁଲ୍ ଜିଲ୍ଲାକେ ଜବର୍ ଥଣ୍ଡା ଲାଗି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।